# Official Spokesperson's response to media queries on inauguration of road on 8th May in Pithoragarh district, Uttarakhand

May 09, 2020

---

## ଉତ୍ତରାଖଣ୍ଡର ପିଥୋରାଗଡ଼ ଜିଲ୍ଲାରେ 8 ମଇରେ ଅନୁଷ୍ଠିତ ସଡ଼କ ଉଦ୍‌ଘାଟନ ସମ୍ପର୍କରେ ମିଡିଆ ପ୍ରଶ୍ନର ଉତ୍ତରରେ ସରକାରୀ ମୁଖପାତ୍ରଙ୍କ ବକ୍ତବ୍ୟ

9 ମଇ, 2020

**ଉତ୍ତରାଖଣ୍ଡର ପିଥୋରାଗଡ଼ ଜିଲ୍ଲାରେ 8 ମଇରେ ଅନୁଷ୍ଠିତ ସଡ଼କ ଉଦଘାଟନ ସମ୍ପର୍କରେ ମିଡିଆ ପ୍ରଶ୍ନର ଉତ୍ତରରେ ସରକାରୀ ମୁଖପାତ୍ର କହିଛନ୍ତି:**

ଭାରତରେ ଏକ ସଡ଼କ ଉଦ୍‌ଘାଟନ ସମ୍ପର୍କରେ 9 ମଇ, 2020 ତାରିଖରେ ନେପାଳର ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ଦ୍ୱାରା ଜାରି ଏକ ପ୍ରେସ୍ ଇସ୍ତାହାର ଆମ ଦୃଷ୍ଟିଗୋଚର ହୋଇଛି।

ଉତ୍ତରାଖଣ୍ଡ ରାଜ୍ୟର ପିଥୋରାଗଡ଼ ଜିଲ୍ଲାରେ ଏବେ ଉଦ୍‌ଘାଟିତ ସଡ଼କ ସମ୍ପୂର୍ଣ୍ଣ ଭାବରେ ଭାରତୀୟ ଅଞ୍ଚଳ ମଧ୍ୟରେ ଅବସ୍ଥିତ। କୈଳାଶ ମାନସରୋବର ଯାଉଥିବା ତୀର୍ଥଯାତ୍ରୀମାନଙ୍କ ଦ୍ୱାରା ପୂର୍ବରୁ ବ୍ୟବହୃତ ମାର୍ଗ ଅନୁସାରେ ଏହି ସଡ଼କ ନିର୍ମାଣ କରାଯାଇଛି। ଏହି ପ୍ରକଳ୍ପ ଅଧୀନରେ, ସେହି ମାର୍ଗକୁ ତୀର୍ଥଯାତ୍ରୀ, ସ୍ଥାନୀୟ ଅଧିବାସୀ ଓ ବ୍ୟବସାୟୀମାନଙ୍କ ପାଇଁ ସହଜ ଓ ସୁଗମ କରାଯାଇଛି।

ସୀମା ସମ୍ପର୍କିତ ସମସ୍ତ ବିଷୟରେ ପଦକ୍ଷେପ ନେବା ପାଇଁ ଭାରତ ଓ ନେପାଳ ପାଖରେ ବ୍ୟବସ୍ଥିତ ମେକାନିଜିମ୍ ଅଛି। ନେପାଳ ସହିତ ସୀମା ନିର୍ଦ୍ଧାରଣ କାର୍ଯ୍ୟକ୍ରମ ଚାଲୁ ଅଛି। ନେପାଳ ସହ ଆମର ନିବିଡ଼ ବନ୍ଧୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ସଦ୍‌ଭାବନା ଅନୁଯାୟୀ, ସମସ୍ତ ଅସମାହିତ ସୀମା ସମ୍ପର୍କିତ ସମସ୍ୟାକୁ କୂଟନୈତିକ କଥାବାର୍ତ୍ତା ମାଧ୍ୟମରେ ସମାଧାନ କରିବା ପାଇଁ ଭାରତ ପ୍ରତିଶ୍ରୁତିବଦ୍ଧ।

ଉଭୟ ପକ୍ଷ ବିଦେଶ ସଚିବସ୍ତରୀୟ କଥାବାର୍ତ୍ତା ଆୟୋଜନ କରିବା ପାଇଁ ମଧ୍ୟ ଯୋଜନା କରୁଛନ୍ତି ଯାହା ଉଭୟ ଦେଶର ନାଗରିକ ଓ ସରକାର COVID 19 ପରି ଏକ ଜରୁରୀକାଳୀନ ଆହ୍ୱାନର ମୁକାବିଲା କରିବାରେ ସଫଳ ହେବା ପରେ ଉପଯୁକ୍ତ ଦିନ ସ୍ଥିର କରାଯାଇ ଅନୁଷ୍ଠିତ ହେବ।

**ନୂଆ ଦିଲ୍ଲୀ**
**09 ମଇ, 2020**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.